## ରାଷ୍ଟ୍ରପତି ଭବନରେ ସାହିତ୍ୟ ସମ୍ମିଳନୀ ଉଦ୍‌ଯାପିତ

# ନାରୀବାଦୀ ସାହିତ୍ୟ ଏକ ପୃଥକ୍ ସତ୍ତା ନୁହେଁ: ପ୍ରତିଭା ରାୟ

ଭୁବନେଶ୍ୱର,୩୦।୫(ବ୍ୟୁରୋ): ସାହିତ୍ୟ ଏକାଡେମୀ ଏବଂ ରାଷ୍ଟ୍ରପତି ଭବନ ସାଂସ୍କୃତିକ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ଆୟୋଜିତ ସାହିତ୍ୟ ସମ୍ମିଳନୀ ଉଦ୍‌ଯାପିତ ହୋଇଯାଇଛି । ଆଜି ଦ୍ୱିତୀୟ ଦିନରେ 'କେତେ ପରିବର୍ତ୍ତିତ ହୋଇଛି ସାହିତ୍ୟ?' ଶୀର୍ଷକରେ ୩ଟି ଅଧିବେଶନରେ ବ୍ୟାପକ ଆଲୋଚନା ହୋଇଥିଲା । 'ଭାରତର ନାରୀବାଦୀ ସାହିତ୍ୟ: ନୂତନ ଆଧାର' ଶୀର୍ଷକ ଅଧିବେଶନରେ ଅଧକ୍ଷତା କରି ଖ୍ୟାତନାମା ଓଡ଼ିଆ ଲେଖିକା ପ୍ରତିଭା ରାୟ କହିଥିଲେ, ନାରୀବାଦୀ ସାହିତ୍ୟ ଏକ ପୃଥକ ସତ୍ତା ନୁହେଁ, ବରଂ ସୃଜନଶୀଳତାର ଏକ ବିବିଧ ପରିପ୍ରକାଶ । ବିଶିଷ୍ଟ ହିନ୍ଦୀ ଲେଖିକା ଅନାମିକା କହିଥିଲେ, ଭାରତୀୟ ନାରୀବାଦୀ ସାହିତ୍ୟ ସମ୍ପର୍କକୁ ପୁନଃପରିଭାଷିତ କରୁଛି । ତାମିଲ ଲେଖିକା ତାମିଲଚି ଥଙ୍ଗପାଣ୍ଡିଆନ ତାମିଲ ଏବଂ ଦ୍ରାବିଡ଼ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ । ଇଂରାଜୀ ଲେଖିକା ଅନୁଜା ଚନ୍ଦ୍ରମୌଳି କହିଥିଲେ, ନାରୀବାଦୀ ସାହିତ୍ୟ ଶତାବ୍ଦୀର ନୀରବତା ଏବଂ ବନ୍ଧନକୁ ଭାଙ୍ଗି ସାଂସ୍କୃତିକ ଦୃଶ୍ୟପଟକୁ ଗଭୀର ଭାବରେ ପ୍ରଭାବିତ କରିଛି । ହିନ୍ଦୀ ଲେଖିକା ତଥା ସାଂସଦ ମହୁଆ ମାଝୀ ନାରୀବାଦ ସାହିତ୍ୟ ପୁରୁଷବାଦକୁ ଆହ୍ୱାନ କରିଥାଏ ବୋଲି କହିଥିଲେ । ସୁପରିଚିତ ଗଣମାଧ୍ୟମ ବ୍ୟକ୍ତିତ୍ୱ ନିଧି କୁଲପତି କହିଥିଲେ, ଆଗରୁ ମହିଳାମାନଙ୍କ ଲେଖାକୁ ପଛକୁ ଠେଲି ଦିଆଯାଉଥିଲା, କିନ୍ତୁ ସମୟ ପରିବର୍ତ୍ତନ ସହିତ ଏହାର ପରିସର ବୃଦ୍ଧି ପାଇଛି । ଇଂରାଜୀ ଲେଖିକା ପ୍ରୀତି ସେନାୟ କହିଥିଲେ, ଲେଖା ମାଧ୍ୟମରେ ନାରୀମାନେ ପୁନର୍ବାର ଶକ୍ତି ହାସଲ ସହ ବିପ୍ଳବକୁ ଜନ୍ମ ଦିଅନ୍ତି, ସ୍ଥିତାବସ୍ଥାକୁ ଆହ୍ୱାନ କରନ୍ତି ଏବଂ ପରିବର୍ତ୍ତନକୁ ପ୍ରେରଣା ଦିଅନ୍ତି ।

## ଏହା ପୁରୁଷବାଦକୁ ଆହ୍ୱାନ ଦେଇଥାଏ: ମହୁଆ ମାଝୀ




ଏହାପରେ 'ସାହିତ୍ୟରେ ପରିବର୍ତ୍ତନ ବନାମ ପରିବର୍ତ୍ତନର ସାହିତ୍ୟ' ଶୀର୍ଷକ ଅଧିବେଶନ ସାହିତ୍ୟ ଏକାଡେମୀର ଉପାଧକ୍ଷ କୁମୁଦ ଶର୍ମାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା । ବିଶିଷ୍ଟ ହିନ୍ଦୀ ବିଦ୍ୱାନ ଗିରିଶ୍ୱର ମିଶ୍ର କହିଥିଲେ, ସାହିତ୍ୟ ସର୍ବଦା ପରିବର୍ତ୍ତନ ସହିତ ତା'ର ସମୟର ବାସ୍ତବତାକୁ ପ୍ରକାଶ କରିଥାଏ । ସୁପରିଚିତ ହିନ୍ଦୀ ଲେଖିକା ମମତା କାଲିଆ କହିଥିଲେ, ବିଶ୍ୱ ଏବଂ ପ୍ରଯୁକ୍ତିବିଦ୍ୟା ସ୍ତରରେ ଘଟିଥିବା ପରିବର୍ତ୍ତନର ସାକ୍ଷୀ ହୋଇଛୁ । ଯତୀନ୍ଦ୍ର ମିଶ୍ର କହିଥିଲେ, ଏମିତି ପ୍ରଶ୍ନ କରାଯାଏ, ଲେଖା ଯଦି ଆଧୁନିକ ନୁହେଁ, ଅନ୍ୟ ସମସ୍ତ ଜିନିଷ ପରି ଏହାର ମୂଲ୍ୟ ନାହିଁ । ରଶ୍ମି ନର୍ଜାରୀ କହିଥିଲେ, ସାହିତ୍ୟରେ ପରିବର୍ତ୍ତନ ଏବଂ ପରିବର୍ତ୍ତନର ସାହିତ୍ୟକୁ ପୃଥକ ଭାବରେ ଆଲୋଚନା କରାଯାଇପାରିବ ନାହିଁ । ଇଂରାଜୀ ଲେଖିକା ଗୀତା କୋଠାରୀ କହିଥିଲେ, ସାହିତ୍ୟ କ୍ଷଣସ୍ଥାୟୀ ଏବଂ କାଳଜୟୀକୁ ଏକ ଦ୍ୱନ୍ଦ୍ୱାତ୍ମକ ସମ୍ପର୍କରେ ଆବଦ୍ଧ କରେ । ଚତୁର୍ଥ ଅଧିବେଶନର 'ବିଶ୍ୱ ଦୃଷ୍ଟିରେ ଭାରତୀୟ ସାହିତ୍ୟର ନୂତନ ଦିଗ' ଉପରେ ଆଲୋଚନା ହୋଇଥିଲା । ଅଧକ୍ଷତା କରିଥିଲେ ଅଜୟ ମୌର୍ଯ୍ୟ । ଏକାଡେମୀର ସଚିବ ଡ. କେ. ଶ୍ରୀନିବାସରାଓ ନାରୀ ସାହିତ୍ୟର ସମୃଦ୍ଧି ଦିଗରେ ଏକାଡେମୀର କାର୍ଯ୍ୟ ଯୋଜନା ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ଦେବୀ ଅହଲ୍ୟାବାଈ ହୋଲକରଙ୍କ ୩୦୦ ତମ ଜନ୍ମବାର୍ଷିକୀରେ ହିମାଂଶୁ ବାଜପେୟୀ ଏବଂ ପ୍ରଜ୍ଞା ଶର୍ମା ଅହଲ୍ୟାବାଈ ଗାଥା ଉପସ୍ଥାପନ କରିଥିଲେ ।